### ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ଅହେତୁକ ବିଳମ୍ବ

# ଶେଷ ନ ହେଉଣୁ କଂକ୍ରିଟ୍ ରାସ୍ତାରେ ଫାଟ; ପଡ଼ିଲାଣି ଟାଳି

ଢେଙ୍କାନାଳ, ୯ ।୨(ସମିସ)

କଟକ-ଅନୁଗୁଳ ୫୫ ନଂ ଜାତୀୟ ରାଜପଥକୁ ୪ଲେନ ବିଶିଷ୍ଟ ରାସ୍ତାରେ ପରିଣତ କରିବା ପାଇଁ ଗତ ୨୦୧୮ ମସିହା ଡିସେମ୍ବର ୨୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନଲାଇନ ମାଧ୍ୟରେ ରାସ୍ତା କାର୍ଯ୍ୟର ଶୁଭାରମ୍ଭ କରିଥିବା ବେଳେ ୬ ବର୍ଷ ପରେ ମଧ୍ୟ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହେଇନାହିଁ। ୨୦୨୨-୨୩ ଆର୍ଥିକ ବର୍ଷରେ ୧୭୦ରୁ ଅଧିକ

- ୨୦୨୨-୨୩ ବର୍ଷରେ ୧୭୦ରୁ ଅଧିକ ଜୀବନ ଗଲାଣି
- ସଂସଦରେ ପୁଣି ପ୍ରଶ୍ନ ଉଠାଇଲେ ସାଂସଦ ମହେଶ ସାହୁ



ଜୀବନ ହାନୀ ଘଟିବା ପରେ ମଧ୍ୟ କେନ୍ଦ୍ର ସରକାରଙ୍କ ନିଦ ଭାଙ୍ଗୁନାହିଁ। ସିମେଣ୍ଟ କଂକ୍ରିଟ ରାସ୍ତା ସାରା ଫାଟ ହୋଇଥିବା ବେଳେ ବିଭାଗୀୟ ଅଧିକାରୀ ରାସ୍ତାରେ ତାଳି ପକାଇ ଚାଲିଛନ୍ତି। ଏହାକୁ ନେଇ ଢେଙ୍କାନାଳ ସାଂସଦ ମହେଶ ସାହୁ ପୁଣି ଥରେ ସଂସଦରେ ପ୍ରଶ୍ନ ଉଠାଇବା ସହିତ ରାସ୍ତାକାର୍ଯ୍ୟ ଶେଷ କରିବାକୁ ଦାବି କରିଛନ୍ତି।

୫୫ ନମ୍ବର ଜାତୀୟ ନିର୍ମାଣ ପାଇଁ ରାଜପଥ ପ୍ରାଧିକରଣ ମନ୍ତ୍ରଣାଳୟ ବା ଏନଏଚଏଆଇ ତରଫରୁ ଟେଣ୍ଡର କରାଯିବା ପରେ କଟକ ଜିଲ୍ଲା ମଙ୍ଗୁଳିଠାରୁ ଅନୁଗୋଳ ପର୍ଯ୍ୟନ୍ତ ୧୧୨ କିମି ରାସ୍ତାର ସମ୍ପ୍ରସାରଣ ନିମନ୍ତେ ଗାୟତ୍ରୀ ଠିକା ସଂସ୍ଥାକୁ ଏହି ଟେଣ୍ଡର ମିଳିଥିଲା। ଫଳରେ ଏହି କାର୍ଯ୍ୟକୁ ୧ ହଜାର ଦିନରେ ଶେଷକରିବା ପାଇଁ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଗାୟତ୍ରୀ ଠିକା ସଂସ୍ଥା ମୋଟ ୧୧୨ କିମି ରାସ୍ତାରୁ ମାତ୍ର ୬୦ କିଲୋମିଟର ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିଛି। ପ୍ରାଥମିକ ପର୍ଯ୍ୟାୟରେ ୫୮୩ କୋଟି ଏବଂ ପରେ ୫୨୯କୋଟି ଟଙ୍କା ଅନୁମୋଦନ କରାଯାଇଥିଲା। ଏହି କାର୍ଯ୍ୟକୁ ୩୦ ମାସ ମଧ୍ୟରେ ଅର୍ଥାତ୍ ଜୁନ ୨୦୨୧ରେ ଶେଷ କରିବାର ଥିଲା। କଟକ ଜିଲ୍ଲା କୁସୁପଙ୍ଗି, ଖୁଣ୍ଟୁଣିଠାରେ ଥିବା ଦେବୋତ୍ତର ବିଭାଗର ଜମି, କୁସୁପଙ୍ଗି ଉଚ୍ଚ ବିଦ୍ୟାଳୟ ସହିତ ଢେଙ୍କାନାଳ ଜିଲ୍ଲାର ଶ୍ୟାମାଚରଣପୁର ନିକଟରେ ଥିବା ସେସୁ କାର୍ଯ୍ୟାଳୟ ସହିତ ଓଡାପଡ଼ା ବ୍ଲକ ଗୁଣ୍ଡୁଦେଇ, ଗଇଲୋ ବସଷ୍ଟାଣ୍ଡ ନିକଟରେ ଥିବା ହାତୀ କରିଡରକୁ ନେଇ ବିବାଦ ଦେଖାଯିବାରୁ ରାସ୍ତା କାର୍ଯ୍ୟ ଅଟକି ରହିଥିଲା। ରାସ୍ତା ନିର୍ମାଣକୁ ନେଇ ବିଭିନ୍ନ ସମସ୍ୟା ଦେଖାଦେଇଥିବା ବେଳେ ୨୦୨୨ ଜୁନ ସୁଦ୍ଧା ୯୦ ପ୍ରତିଶତ କାର୍ଯ୍ୟ ଶେଷହେବ ବୋଲି ସଂସ୍ଥାପକ୍ଷରୁ ଘୋଷଣା କରାଯାଇଥିଲା। ସେହିପରି ଅନ୍ୟ ୧୦ ଭାଗ କାର୍ଯ୍ୟ ଡିସେମ୍ବର ସୁଦ୍ଧା ଶେଷ ହେବ ବୋଲି କୁହାଯାଇଥିଲା। କିନ୍ତୁ ରାସ୍ତାକାର୍ଯ୍ୟ ଶେଷ ହେବାର ନାଁ ଧରୁନାହିଁ। ଫଳରେ ସାଂସଦ ମହେଶ ସାହୁ କଟକଠାରୁ ସମ୍ବଲପୁର ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥର ଦୁରବସ୍ଥାକୁ ନେଇ ସଂସଦରେ ପୁଣି ଥରେ ପ୍ରଶ୍ନ ଉଠାଇଛନ୍ତି। କିନ୍ତୁ ରାସ୍ତାକାର୍ଯ୍ୟ ଏତେ ମନ୍ଥର ଗତିରେ ଚାଲୁଛି ଯେ, ରାସ୍ତା ଶେଷ ହେବା ତ ଦୂରର କଥା ଜନସାଧାରଣଙ୍କ ଜୀବନ ଯିବାରେ ଲାଗିଛି। ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ବିଭାଗୀୟ ମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଏବଂ ବ୍ୟକ୍ତିଗତ ଭାବରେ ଜଣାଇଛନ୍ତି। ରାଜପଥକୁ ନେଇ ମୁଖ୍ୟମନ୍ତ୍ରୀ ମଧ୍ୟ କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ରାସ୍ତା କାର୍ଯ୍ୟକୁ ନେଇ ବହୁବାର ସାଂସଦଙ୍କ ପରାମର୍ଶରେ ରାସ୍ତାରୋକ ଏବଂ ଅର୍ଥନୈତିକ ଅବରୋଧ କରାଯାଇଛି। ଏହା ପରେ ମଧ୍ୟ ରାଜପଥର ଦୁରବସ୍ଥା ବଦଳିବାର ନାଁ ଧରୁନି। ଆଗାମୀ ଦିନରେ ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ଦେଇଥିବା ପ୍ରତିଶ୍ରୁତି ଅନୁସାରେ କାର୍ଯ୍ୟ ସମ୍ପୂର୍ଣ୍ଣ ନକଲେ, ପୁଣି ଥରେ ଜନସାଧାରଣ ରାସ୍ତାରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ରାସ୍ତା ସମ୍ପ୍ରସାରଣ ପାଇଁ ୫୫ ନମ୍ବର ଜାତୀୟ ରାଜପଥକୁ ୪ ଲେନ୍ ବିଶିଷ୍ଟ କରାଯାଉଥିବା ବେଳେ ଗୋଟିଏ ପାର୍ଶ୍ୱରେ ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି। କିନ୍ତୁ ଏହି କଂକ୍ରିଟ ରାସ୍ତା କେଉଁଠି ଫାଟି ଆଁ କଲାଣି ତ କେଉଁଠି ଗାତ ସୃଷ୍ଟି ହୋଇ ଚିପସି ଏବଂ ଛଡ଼ ଦେଖାଗଲାଣି। ଏଭଳି ପରିସ୍ଥିତିରେ ରାସ୍ତାରେ ପ୍ୟାଚ୍ ପକାଇବା ସହିତ ତାକୁ ପୁଣି ଥରେ ଏକ ପ୍ରକାରର ଏନାମେଲ କୋଟ ଦିଆଯାଉଛି। କୋରିଆଁ ବାଇପାସ ଠାରୁ କଲେଜ ବାଇପାସ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତାର ଅବସ୍ଥା କହିଲେ ନସରେ। କୋରିଆଁ ଓଭର ବ୍ରିଜ କାମ ଶେଷ ହେବା ତ ଦୂରର କଥା ପଞ୍ଚୁପଟି କେନାଏ ବ୍ରିଜ ମଧ୍ୟ ଶେଷ ହେଉନାହିଁ। କେନ୍ଦ୍ର ସରକାରଙ୍କ ଅବହେଳା ଯୋଗୁ ଜିଲ୍ଲାରେ ୫୫ ନମ୍ବର ଜାତୀୟ ରାପଥ କାର୍ଯ୍ୟ ବିଳମ୍ବ ହେବାରେ ଲାଗିଛି।



## ଗଛରେ ପିଟିହୋଇ ଓଲଟିଲା କାର, ୧ ଗିରଫ

### ଗାଡ଼ିରେ ପୁଳା ପୁଳା ଟଙ୍କାକୁ ନେଇ ପୁଲିସର ଖୋଳତାଡ଼



**ଢେଙ୍କାନାଳ, ୯ ।୨(ସମିସ):** ସଦର ଥାନା ଅନ୍ତର୍ଗତ ଢେଙ୍କାନାଳ-କପିଳାସ ରାସ୍ତାର କାଇମାଟି ନିକଟରେ ରାସ୍ତାରେ ଭାରସାମ୍ୟ ହରାଇ ଏକ କାର ରାସ୍ତାପାର୍ଶ୍ୱ ଗଛରେ ଓଲଟିପଡ଼ିବା ଫଳରେ ଏଥିରେ ଥିବା ୨ଜଣ ଆହତ ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣାଗ୍ରସ୍ତ କାର ମଧ୍ୟରୁ ଲକ୍ଷାଧିକ ଟଙ୍କା ଜବତ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। କାର (ଓଆର ୦୫ ଏକେ୧୩୭୯ )ଟି ଦ୍ରୁତ ଗତିରେ ଯାଉଥିବାରୁ ଗଛଟି ଉପୁଡି ପଡ଼ିବା ସହ ରାସ୍ତାପାର୍ଶ୍ୱର ସାଇଡ ୱାଲ ମଧ୍ୟ ଦୂରକୁ ଛିଟିକି ପଡ଼ିଥିଲା। କାରଟି ଦୁର୍ଘଟଣା ଗ୍ରସ୍ତ ହେବା ପରେ ସେଠାରେ ଗ୍ରାମବାସୀମାନେ ଜମା ହୋଇଯାଇଥିଲେ। କାରରେ ଥିବା ବ୍ୟକ୍ତି ଆହତ ହୋଇଥିବା ବେଳେ କାର ମଧ୍ୟରେ ପୁଳା ପୁଳା ୫୦୦ ଏବଂ ୨୦୦ ଟଙ୍କିଆ ନୋଟ ବିଡ଼ା ଦେଖିବାକୁ ମିଳିଥିଲା। ଏହି ଟଙ୍କାରୁ କିଛି ନେଇ ଜଣେ ଫେରାର ହୋଇଯାଇଥିବା ବେଳେ ଅନ୍ୟଜଣକୁ ପୁଲିସ ଅଟକ ରଖି ତଦନ୍ତ ଚଳାଇଛି। ସାଧାରଣ ନିର୍ବାଚନ ପୂର୍ବରୁ ଏତେ ପରିମାଣର ଟଙ୍କା ଜବତକୁ ନେଇ ବେଶ ଚର୍ଚ୍ଚା ହେଉଛି। ଟଙ୍କା କିଏ କାହିଁକି ନେଉଥିଲା ବା ଚୋରାଚାଲାଣ ହେଉଥିଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାରେ ପୁଲିସ ଜଣକୁ ଅଟକ ରଖି ପଚରାଉଚରା ଚଳାଇଛି।

### ହାତୀ ଉଦ୍ଧାର କେନ୍ଦ୍ରରେ ବିସ୍ଫୋରଣ

## ଦୁଇ କର୍ମଚାରୀ ଗୁରୁତର

**ଢେଙ୍କାନାଳ, ୯ ।୨(ସମିସ):** ଢେଙ୍କାନାଳ ବନଖଣ୍ଡ କପିଳାସଠାରେ ଥିବା ହାତୀ ଉଦ୍ଧାର କେନ୍ଦ୍ରରେ ବିସ୍ଫୋରଣ ଘଟି ୨ କର୍ମଚାରୀ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। କପିଳାସ ହାତୀ ଉଦ୍ଧାର କେନ୍ଦ୍ରର ରାକେଶ ହାତୀ ଖୁଆଡ ନିକଟରେ ହାତୀ ଘଉଡ଼ାଇବା ପାଇଁ ବୋମା ରଖାଯାଇଥିଲା। କୌଣସି କାରଣରୁ ସେଠାରେ ଥିବା ବୋମାରେ ବିସ୍ଫୋରଣ ହୋଇଥିଲା। ଏହି ବିସ୍ଫୋରଣରେ ୨ ଜଣ ଆହତ ହୋଇଥିବା ବେଳେ ସେମାନଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ ପାଇଁ ପଦକ୍ଷେପ

## ଝୋଟିପକା ବ୍ୟାଗ୍ ପ୍ରଦାନର ଶୁଭାରମ୍ଭ କଲେ ଜିଲ୍ଲାପାଳ



**ଢେଙ୍କାନାଳ, ୯ ।୨(ସମିସ):** ପ୍ଲାଷ୍ଟିକ୍ ବ୍ୟବହାରକୁ ହ୍ରାସ କରିବା ପାଇଁ ସରକାରଙ୍କ ତରଫରୁ ନୂତନ ଯୋଜନା ଅନୁସାରେ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ଦୁଇଟି ଝୋଟିପକା ବ୍ୟାଗ ପ୍ରଦାନର ଶୁଭାରମ୍ଭ କରାଯାଇଛି। ସହର ପୌର ପରିଷଦ ଅଧୀନରେ ଥିବା ଶକ୍ତି ମା ନିର୍ମାଣ ସ୍ୱୟଂ ସହାୟକ ଗୋଷ୍ଠୀ ଖୁଚୁରା ବିକ୍ରୟ କେନ୍ଦ୍ରରେ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ, ଉପଜିଲ୍ଲାପାଳ ସପନ କୁମାରନନ୍ଦ, ଜିଲ୍ଲା ଯୋଗାଣ ଅଧିକାରୀ ବସନ୍ତ କୁମାର ପଣ୍ଡା, ଅତିରିକ୍ତ ଯୋଗାଣ ଅଧିକାରୀ ଗାୟତ୍ରୀ ପଟ୍ଟନାୟକ, ପୌର ପରିଷଦ ସହକାରୀ ଯୋଗାଣ ଅଧିକାରୀ ନିର୍ମଳ କୁମାର ମହାପାତ୍ର ଓ ବିଶ୍ୱ ଭୂଷଣ କରଙ୍କ ଉପସ୍ଥିତିରେ ଖାଦ୍ୟ ସୁରକ୍ଷା ଯୋଜନରେ ହିତାଧିକାରୀଙ୍କୁ ଝୋଟିପକା ଦୁଇଟି ବ୍ୟାଗ ପ୍ରଦାନର ଶୁଭାରମ୍ଭ କରାଯାଇଛି। ଏହି ଯୋଜନାରେ ସମସ୍ତ ହିତାଧିକାରୀଙ୍କୁ ଦୁଇଟି ବ୍ୟାଗ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ସବୁଜ ଓଡ଼ିଶା ଗଠନ ପାଇଁ ଦୈନନ୍ଦିନ କାର୍ଯ୍ୟରେ ପ୍ଲାଷ୍ଟିକ ବ୍ୟବହାରକୁ ହ୍ରାସ କରିବା ଲକ୍ଷ୍ୟରେ ହିତାଧିକାରୀଙ୍କୁ ଏହି ବ୍ୟାଗ ପ୍ରଦାନ କରାଯାଉଛି।

## ଆଠ ଫୁଟର ଅଜଗର ସାପ ଉଦ୍ଧାର

**ମାର୍ଥାପୁର ,୯ ।୨(ସମିସ):** ଢେଙ୍କାନାଳ ଜିଲ୍ଲା ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ଦୁଇ ନମ୍ବର ୱାର୍ଡର ବାଜି ରାଉତ୍ କଲେଜ ଛକ ନିକଟ ଚିନ୍ମୟ ବେହେରାଙ୍କ ଘରୁ ଏକ ଆଠ ଫୁଟର ଅଜଗର ସାପ ଉଦ୍ଧାର ହୋଇଛି। ସୂଚନା ଅନୁସାରେ ସକାଳେ ଚିନ୍ମୟ ବେହେରାଙ୍କ ଘର ପରିସରରେ ଏକ ଅଜଗର ସାପ ବୁଲୁଥିବାର ଦେଖି ପରିବାର ଲୋକ ସ୍ନେକ୍ ହେଲ୍ପଲାଇନ ସଦସ୍ୟଙ୍କୁ ଖବର ଦେଇଥିଲେ। ସ୍ନେକ ହେଲ୍ପଲାଇନ ସଦସ୍ୟ ବିକାଶ ଜେନା ପହଞ୍ଚି ସାପଟିକୁ ଉଦ୍ଧାର କରି ଭୁବନ ବନ ବିଭାଗର ସହଯୋଗରେ ତା'ର ଲମ୍ବ ଏବଂ ଓଜନ କରିବା ପରେ ନିକଟସ୍ଥ ଭାରତୀ ପାହାଡ଼ରେ ଛାଡିଥିବା ଜଣାପଡ଼ିଛି।

## ସସ୍ମିତା ନାୟକ ଆଠମଲ୍ଲିକ ଓ ଛେଣ୍ଡିପଦା ବିଜେଡି ପର୍ଯ୍ୟବେକ୍ଷିକା



**ହିନ୍ଦୋଳ, ୯।୨(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ନାୟକଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଠମଲ୍ଲିକ ଓ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ନୂତନ ପାର୍ଯ୍ୟବେକ୍ଷିକା ଭାବରେ ତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେ ଦଳରେ ଜଣେ ଟାଣୁଆ ନେତ୍ରୀ ଭାବେ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ବେଜେଡି ପକ୍ଷରୁ ଆଜି ତାଙ୍କୁ ଏହି ଗୁରୁଦାୟିତ୍ୱ ଦଳ ତରଫରୁ ପ୍ରଦାନ କରାଯାଇଛି। ଏହା ପରେ ତାଙ୍କ ସମର୍ଥକଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି। ବିଜେଡିର ସାଙ୍ଗଠନିକ ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପତ୍ର ମାଧ୍ୟମରେ ତାଙ୍କୁ ନିଯୁକ୍ତି ଦେଇଥିବା ଜଣାପଡ଼ିଛି। ଏହାକୁ ନେଇ ବିଜେଡି ହିନ୍ଦୋଳ ତରଫରୁ ତାଙ୍କୁ ଶୁଭେଚ୍ଛା ପ୍ରଦାନ କରାଯିବା ସହ ବିଜେଡି ତରଫରୁ ତାଙ୍କୁ ସ୍ୱାଗତ କରାଯାଇଛି।

## ଆଇଆଇଏମସିରେ କବିତା ଓ କାହାଣୀ ଶ୍ରଦ୍ଧାଞ୍ଜଳି

**ଢେଙ୍କାନାଳ,୯ ।୨(ସମିସ):** ଢେଙ୍କାନାଳ ଭାରତୀୟ ଜନସଞ୍ଚାର ସଂସ୍ଥାନ ଆଇଆଇଏମସିରେ କବିତା ଓ କାହାଣୀ ଶ୍ରଦ୍ଧାଞ୍ଜଳି ବେଶ ଆଗ୍ରହର ସହିତ ସମାପନ ହୋଇଛି। ସଂସ୍ଥାନର ଛାତ୍ରଛାତ୍ରୀମାନେ ଶ୍ରଦ୍ଧାଞ୍ଜଳି କବିତା ପାଠୋତ୍ସବ ଆୟୋଜନ କରିଥିଲେ। ଛାତ୍ରଛାତ୍ରୀଙ୍କ ସମେତ ସଂସ୍ଥାନର ଅଧ୍ୟାପକ, ଅଧ୍ୟାପିକାମାନେ ମଧ୍ୟ ଭାଗନେଇ କବିତା ପାଠ କରିଛନ୍ତି। କବିତା ପାଠ ଉତ୍ସବରେ ଛାତ୍ରୀ ରଞ୍ଜନା ନାୟକଙ୍କ ସହିତ ଉତ୍ତରଖଣ୍ଡରୁ ଆସିଥିବା ଛାତ୍ର ଶଶାଙ୍କ ଭଟ୍ଟ, ଛାତ୍ରୀ ଶୋଭନ ଦୁବେ ନିର୍ମଳ ମିଶ୍ର, ଛାତ୍ର ବିବେକ ସିଂହ, ସୁମନ ଦୁବେ, ପ୍ରିନ୍ସୀ ଯାଦବ, ପ୍ରତୟ ଦାସ, ସୁମନ ଦୁବେ, ସୃଷ୍ଟି ଭୌମିକ, ଅପେକ୍ଷା ରାୟ, ମଧୁସ୍ମିତା ସାହୁ, ନାରାୟଣୀ, ସୃଷ୍ଟି ଆଚାର୍ଯ୍ୟ, ସିଦ୍ଧାର୍ଥ, ଦେବସ୍ମିତା ମଣ୍ଡଳ, ସତ୍ୟମ, ସୁମିତ ଶାହା ଆଦି ଗୋଟିଏ ପରେ ଗୋଟିଏ କବିତା ଓ କାହାଣୀ ଉପସ୍ଥାପନ କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ ଉଦଘାଟନ କରିଥିବା ବଳେ ଶୋଭିତ ଚଣ୍ଡୋଲା, ପ୍ରତୀକ୍ଷା ତ୍ରିପାଠୀ, ସୁରଜ କୁମାର ବେହେରା ଓ ସୁମନ ଦୁବେ ପ୍ରମୁଖ ସଂଯୋଜନା କରିଥିଲେ।

## ଆଇଆଇଏମ୍‌ସି ମିଡିଆ ମ୍ୟୁଜିୟମ ବୁଲିଲେ ଛାତ୍ରଛାତ୍ରୀ

**ଢେଙ୍କାନାଳ, ୯ ।୨ (ସମିସ):** ଢେଙ୍କାନାଳ ସହରସ୍ଥିତ ଭାରତୀୟ ଜନ ସଞ୍ଚାର ସଂସ୍ଥାନ ଆଇଆଇଏମସିର ମିଡିଆ ମ୍ୟୁଜିୟମ୍କୁ ଢେଙ୍କାନାଳର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ପରିଦର୍ଶନ କରିଥିବାର ଜଣାପଡ଼ିଛି। ଗୁରୁବାର ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବୁଲିବା ସହିତ ବିଭିନ୍ନ ଐତିହାସିକ ଘଟଣାବଳୀର ଖବରକାଗଜ ପୃଷ୍ଠା, ଦେଶର ପ୍ରଥମ ଖବରକାଗଜର ପ୍ରଥମ ସଂସ୍କରଣ, ପୁରାତନ ରେଡିଓ, ଟେପ୍ ରେକର୍ଡର, ଟେଲିଭିଜନ, କଂପ୍ୟୁଟର ଆଦି ଯୋଗାଯୋଗ ଉପକରଣ ସହିତ ବିଭିନ୍ନ ଦ୍ରବ୍ୟକୁ ବୁଲି ଦେଖିଥିଲେ। ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ସଂସ୍ଥାନର ଶିକ୍ଷାର୍ଥୀମାନେ ବିଭିନ୍ନ ଉପକରଣର କାର୍ଯ୍ୟାବଳୀ ଓ ତାହାର ବୈଶିଷ୍ଟ୍ୟ ବୁଝାଇଥିଲେ। ତାଳପତ୍ର ପୋଥିରୁ ଡିଜିଟାଲ ମିଡିଆ ପର୍ଯ୍ୟନ୍ତ ବିଭିନ୍ନ ବିବର୍ତ୍ତନ ବିଷୟରେ ଧାରଣା ଦେଇଥିଲେ। ପରେ ଏକ କୁଇଜ୍ ଆୟୋଜନ କରାଯାଇ ଛାତ୍ରଛାତ୍ରୀଙ୍କୁ ପ୍ରଶ୍ନ କରାଯିବା ସହିତ ଉପହାର ଦିଆଯାଇଥିଲା। ସେହିପରି ଶୁକ୍ରବାର ପୂର୍ବାହ୍ଣରେ ମନଫର୍ଟ ସ୍କୁଲ ଓ ସେଣ୍ଟ ଜାଭିୟର ସ୍କୁଲର ଛାତ୍ରଛାତ୍ରୀମାନେ ମିଡିଆ ମ୍ୟୁଜିୟମ୍ ବୁଲି ଖୁସି ବ୍ୟକ୍ତ କରିଥିଲେ।

## ଆନ୍ଦୋଳନରେ ପ୍ରାଣୀ ଚିକିତ୍ସକ: ଛେଳି, କୁକୁର ନେଇ ଚାଷୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



**ଢେଙ୍କାନାଳ, ୯ ।୨(ସମିସ):** ଢେଙ୍କାନାଳ ଜିଲ୍ଲାରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକମାନେ ଗତ ୨୦ ଦିନରୁ ଊର୍ଦ୍ଧ୍ୱ ଧରି ଧାରଣାରେ ବସିଛନ୍ତି। ପଶୁମାନେ ଚିକିତ୍ସା ଅଭାବରୁ ମୃତ୍ୟୁବରଣ କରୁଥିବା ବେଳେ ଚାଷୀମାନେ କୁକୁର, ଛେଳିଙ୍କୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିବା ଘଟଣା ବେଶ ଆଲୋଚନାର ବିଷୟ ପାଲଟିଛି। ପଶୁ ଚିକିତ୍ସକ ଓ କର୍ମଚାରୀ ଧାରଣାରେ ବସିଥିବା ବେଳେ ଅନ୍ୟପଟେ ପୋଷା କୁକୁର ଓ ଛେଳିକୁ ଧରି ସ୍ଥାନୀୟ ବାସିନ୍ଦା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ କିଛିଦିନ ହେବ ଢେଙ୍କାନାଳ ପ୍ରାଣୀ ଚିକିତ୍ସକ ବିଭାଗର କର୍ମଚାରୀମାନେ ଆନ୍ଦୋଳନରେ ଅଛନ୍ତି। ଯାହାକୁ ନେଇ ପୋଷା ପଶୁଙ୍କ ଚିକିତ୍ସା ହୋଇପାରୁନାହିଁ। ଶୀତଦିନ ଥିବାରୁ ବିଶେଷ କରି ପ୍ରାଣୀମାନଙ୍କ ଚର୍ମ ରୋଗ ବାହାରିବା ସହିତ ଅନ୍ୟାନ୍ୟ ରୋଗରେ ପୀଡ଼ିତ ହୁଅନ୍ତି। ପ୍ରାଣୀ ବିଭାଗର କର୍ମଚାରୀମାନେ ଧାରଣାରତ ଥିବାରୁ ଚିକିତ୍ସା ଠିକ୍ ଭାବେ ହୋଇ ପାରିନାହିଁ। ଫଳରେ ଦୀର୍ଘ ଦିନ ଧରି ରୋଗରେ ପୀଡ଼ିତ ରହୁଛନ୍ତି। ଏହାକୁ ନେଇ ନିଜର ଗୃହପାଳିତ ପଶୁମାନଙ୍କୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥାନୀୟ ଲୋକ ପହଞ୍ଚିଥିବା ଦେଖିବାକୁ ମିଳିଥିଲା।

## ସୂଚନା ଅଧିକାର ଆଇନ କର୍ମଶାଳା

**ଢେଙ୍କାନାଳ, ୯ ।୨(ସମିସ):** ସଦର ବ୍ଲକ ପଞ୍ଚାୟତ କାର୍ଯ୍ୟାଳୟଠାରେ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ସୂଚନା ଅଧିକାର ଆଇନ ପ୍ରକଳ୍ପ ପରିଚାଳନା ୟୁନିଟ୍ ପକ୍ଷରୁ କର୍ମଶାଳା ହୋଇଯାଇଛି। ଏହି କର୍ମଶାଳାରେ ସୂଚନା ଅଧିକାର ଆଇନ ଆରଟିଆଇ ଅଧିନିୟମ, ୨୦୦୫ର ଧାରା ୪ (୧) (ଖ) ଅଧୀନରେ ଲିପିବଦ୍ଧ ସ୍ୱେଚ୍ଛାକୃତ ପ୍ରକାଶର ବାଧ୍ୟତାମୂଳକ ପ୍ରାବଧାନ ସଂଲଗ୍ନ ନିୟମାବଳୀ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟର ଲୋକ ସୂଚନା ଅଧିକାରୀ ଓ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଯୋଗ ଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଓଡ଼ିଶା ସରକାରଙ୍କ ସୂଚନା ଅଧିକାର ଆଇନର ଡୋମେନ ଏକ୍ସପର୍ଟ ଶ୍ରୀହର୍ଷ ପରିଚ୍ଛା ଆଭାସି ମାଧ୍ୟମରେ ଏହି କର୍ମଶାଳା ପରିଚାଳନା କରିଥିଲେ। ଆବେଦନଗୁଡିକ ପରିଚାଳନା ବେଳେ ସର୍ବଦା ନିୟମ ମଧ୍ୟରେ କାର୍ଯ୍ୟ କରି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଦରଖାସ୍ତ ଗୁଡିକର ଉତ୍ତର ପ୍ରଦାନ କରିବାକୁ ଶ୍ରୀପରିଚ୍ଛା କହିଥିଲେ।

## ଚୋରି ଟ୍ରକ୍ ଉଦ୍ଧାର

**ଓଡାପଡ଼ା, ୯ ।୨(ସମିସ):** ଢେଙ୍କାନାଳ ଜିଲ୍ଲା କଣ୍ଟାବଣିଆ ପୁଲିସ ଗୁରୁବାର ରାତିରେ ଢେଙ୍କାନାଳ ସହର ଅଞ୍ଚଳରୁ ଚୋରି ହୋଇଥିବା ଟ୍ରକକୁ ଉଦ୍ଧାର କରିଛି। ଏହି ଟ୍ରକଟି ଅନୁଗୋଳ ଜିଲ୍ଲା ବଅଁରପାଳ ଥାନା ଅନ୍ତର୍ଗତ ନୂଆହତା ଡିହସାହିସ୍ଥିତ ଏକ ନାଳକଡ଼ରେ ଥିବା ବେଳେ ପୁଲିସ ଉଦ୍ଧାର କରିଛି। ଗତକାଲି ରାତିରେ ଦୁର୍ବୃତ୍ତମାନେ ଓଆର୍ ୦୬ ଏଚ୍ ୪୧୪୧ ନମ୍ବରଯୁକ୍ତ ଏକ ଟ୍ରକକୁ ଢେଙ୍କାନାଳରୁ ଚୋରିକରି ଆଣି ବଅଁରପାଳ ଥାନା ଅନ୍ତର୍ଗତ ନୂଆହତା ଡିହସାହିର ବିଲମାଳର ଏକ ନାଳଠାରେ ପହଞ୍ଚିଥିଲେ। ଟ୍ରକର ସମସ୍ତ ଚକ ସହିତ ଅନ୍ୟାନ୍ୟ ଯନ୍ତ୍ରାଂଶ ଖୋଲୁଥିବା ସମୟରେ ପ୍ରାୟ ୫/୬ଟି ହାତୀ ସେହି ଅଞ୍ଚଳରେ ପହଞ୍ଚିଥିଲେ। ହାତୀମାନଙ୍କୁ ଅନୁସରଣ କରି ବନବିଭାଗ ଏକ ବୋଲେରୋରେ ମଧ୍ୟ ପହଞ୍ଚିଥିଲେ। ଏହା ଦେଖି ଦୁର୍ବୃତ୍ତମାନେ ସେଠାରୁ ଲୁଚି ପଳାଇ ଯାଇଥିଲେ। ଗାଡ଼ି ନମ୍ବରରୁ ଏହା ଢେଙ୍କାନାଳ ଅଞ୍ଚଳର ଟ୍ରକ୍ ବୋଲି ଜାଣିପାରି ପୁଲିସକୁ ଖବର ଦିଆଯାଇଥିଲା। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରିବା ସହିତ ତଦନ୍ତ ଜାରି ରଖିଛି।

## ୪୦ ଲିଟର ମଦ ଜବତ; ୨ ଗିରଫ



**ମାର୍ଥାପୁର, ୯ ।୨(ସମିସ):** ଢେଙ୍କାନାଳ ଜିଲ୍ଲା ଭୁବନ ପୁଲିସ ଏବଂ ଭୁବନ ଅବକାରୀ ବିଭାଗର ମିଳିତ ଚଢ଼ଉରେ ଦୁଇ ଦେଶୀ ମଦ ବ୍ୟବସାୟୀଙ୍କୁ ଗିରଫ କରିବା ସହିତ ୪୦ ଲିଟର ଦେଶୀ ମଦ ଜବତ କରିଛନ୍ତି। କୌଣସି ସୂତ୍ରରୁ ଖବର ପାଇ ଉଭୟ ପୋଲିସ ଏବଂ ଅବକାରୀ ଟିମ୍ ମିଳିତ ଭାବରେ ସୁରପ୍ରତାପପୁର୍ ଗ୍ରାମରେ ଚଢଉ କରିଥିଲେ। ଏହାର ସୁରାକ ପାଇ ମଦ ବ୍ୟବସାୟୀ ନିର ମଲ୍ଲିକ ଏବଂ ଦାମ ମହାନ୍ତି ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ସେମାନଙ୍କ ପିଛାକରି ପୁଲିସ ଗିରଫ କରିଥିଲା। ସେମାନଙ୍କ ଠାରୁ ପୁଲିସ ପୃଥକ ଭାବେ ୧୯ ଲିଟର ଏବଂ ୨୧ ଲିଟର ଦେଶୀମଦ ବଜତ କରିଛି। ମଦ ବ୍ୟବସାୟୀଙ୍କୁ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

### ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମେଳା ଲାଗି ପ୍ରସ୍ତୁତି ବୈଠକ

# ଆଇନଶୃଙ୍ଖଳା, ନିଶାଦ୍ରବ୍ୟ କଟକଣା ଉପରେ ଗୁରୁତ୍ୱ

ଢେଙ୍କାନାଳ ୯ ।୨(ସମିସ)

ମହିମା ଧର୍ମର ଆଦିପୀଠ ଯୋରନ୍ଦାଠାରେ ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମାଘମେଳା ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଯୋରନ୍ଦା ଗ୍ରାମପଞ୍ଚାୟତ କାର୍ଯ୍ୟାଳରେ ଅନୁଷ୍ଠିତ ହୋଇଯାଇଛି। ମହିମା ଧର୍ମର ପ୍ରଚାର ପ୍ରସାର କରି ମହିମା ଧର୍ମର ଗାରିମା ବୃଦ୍ଧି କରିବାକୁ ଜିଲ୍ଲାପାଳ କହିଛନ୍ତି।

ଚଳିତ ବର୍ଷ ଫେବୃଆରୀ ମାସ ୨୨ ରୁ ୨୪ ତିନିଦିନ ଧରି ଏହି ମେଳା ଅନୁଷ୍ଠିତ ହେବ। ପରିଚାଳନା କମିଟି ଦ୍ୱାରା ମେଳାର ଆୟୋଜନ ହେବାକୁ ଥିବା ବେଳେ ମେଳା ଆୟୋଜନରେ ପୁଲିସ ପ୍ରଶାସନ ପକ୍ଷରୁ ପୂର୍ଣ୍ଣ ସହଯୋଗ କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ମଡକର ସନ୍ଦୀପ ସମ୍ପଦ ପ୍ରକାଶ କରିଛନ୍ତି। ମେଳାରେ





ଶାନ୍ତିଶୃଙ୍ଖଳା ରକ୍ଷା, ଯାନବାହାନ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ନିଶାଦ୍ରବ୍ୟ ସେବନର ନିୟନ୍ତ୍ରଣ ନିମନ୍ତେ ବ୍ୟବସ୍ଥା କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଯାତ୍ରା ସମୟରେ ଫେବୃଆରୀ ୨୨ ରୁ ୨୪ ତାରିଖ ପର୍ଯ୍ୟନ୍ତ ସମ୍ପୃକ୍ତ ଅଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା ପାଇଁ ମଦ ଦୋକାନଗୁଡିକ ବନ୍ଦରହିବ। ମେଳାର ସୁଆୟୋଜନ ନିମନ୍ତେ ବ୍ୟବସ୍ଥିତ ଗାଡ଼ି ପାର୍କିଂ, ପାର୍କିଂ ଫି ଧାର୍ଯ୍ୟ, ଆଲୋକିକରଣ ବ୍ୟବସ୍ଥା, ନିରାପତ୍ତା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଆଶୁ ଚିକିତ୍ସା ବ୍ୟବସ୍ଥା, ନଳକୂଅ, କୂଅ, ପୋଖରୀ ବିଶୋଧନ, ମହିଳାମାନଙ୍କ ପାଇଁ ଶୌଚାଳୟ ବ୍ୟବ୍ୟସ୍ଥା, ସି ସି କ୍ୟାମେରା ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ଖାଉଟି ସାମଗ୍ରୀ ଓ ଜାଳେଣି କାଠ ଯୋଗାଣ, ନିୟନ୍ତ୍ରଣ କକ୍ଷ ସ୍ଥାପନ, ସ୍ୱତନ୍ତ୍ର ଖାଦ୍ୟ ଷ୍ଟଲ ନିର୍ମାଣ, ସୁରକ୍ଷିତ ଓ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ମେଳାରେ ଖାଦ୍ୟ ପ୍ରଦାର୍ଥ ଯାଞ୍ଚ, ମେଳାର ପ୍ରଚାର ପ୍ରସାର ସମ୍ପର୍କରେ ବୈଠକରେ ବିଷଦ ଆଲୋଚନା ହୋଇଥିଲା। ବୈଠକରେ ସଦର ଉପଜିଲ୍ଲାପାଳ ସପନ କୁମାର ନନ୍ଦ ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶେଷରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ ସମସ୍ତଙ୍କ ସହଯୋଗ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ବନଖଣ୍ଡ ଅଧିକାରୀ ସୁମିତ କର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଭବାନୀ ଶଙ୍କର ଉଦଗାତା, ଗନ୍ଦିଆ ସରପଞ୍ଚ ଆରତୀ ନାୟକ, ମହିମା ଧର୍ମାବଲମ୍ବୀ ନିତ୍ୟାନନ୍ଦ ବାବା, ସୁଶାନ୍ତ ବାବା, ଅବଧୂତ ସୁବ୍ରତ ବାବା, ପୁଲିସ ଅଧିକାର ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

